নিଶାନ୍ତ ପୁରୀ

*ବନାମ*

ହିମାଚଳ ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

2 ଡିସେମ୍ବର 1998

[କେ. ଭେଙ୍କଟସ୍ୱାମୀ ଏବଂ ଏମ୍. ଜଗନ୍ନାଥ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]

*ଡାକ୍ତରୀ ନାମଲେଖା – ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ – ସମ୍ଭାବନା – ଖଣ୍ଡ III – ନାମଲେଖା ପାଇଁ ଯୋଗ୍ୟ – ହିମାଚଳ ପ୍ରଦେଶର ଯଥାର୍ଥ ବାସିନ୍ଦା – ହିମାଚଳ ପ୍ରଦେଶରେ ଅବସ୍ଥିତ ବିଦ୍ୟାଳୟରୁ ଦୁଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତା – କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପରିବାରକୁ ଛାଡ – ଅପିଲକାରୀଙ୍କ ମା ଜଣେ ହିମାଚଳ ପ୍ରଦେଶ ରାଜ୍ୟ ସରକାରୀ କର୍ମଚାରୀ – ତାଙ୍କ ନିଜ ଅନୁରୋଧରେ ଚଣ୍ଡିଗଡ଼ ଶିକ୍ଷା ବିଭାଗରେ କାମ କରିବା ପାଇଁ କର୍ମାନ୍ତରେ ପ୍ରେରଣ କରାଗଲା – ଏମ୍.ବି.ବି.ଏସ୍. ନାମଲେଖା ପାଇଁ ମିଳିତ ପ୍ରବେଶ ପରୀକ୍ଷା ପାଇଁ ଅପିଲକାରୀଙ୍କ ଆବେଦନ – ପ୍ରତ୍ୟାଖ୍ୟାନ – ରିଟ୍ – ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଧାରା III ଅନୁଯାୟୀ ଅପିଲକାରୀଙ୍କ ପାଇଁ ଅବ୍ୟାହତି ଉପଲବ୍ଧ ନୁହେଁ କାରଣ ତାଙ୍କ ମାଆ କେବଳ କେନ୍ଦ୍ର ସରକାରଙ୍କ ସହିତ କର୍ମାନ୍ତରେ ପ୍ରେରଣ ହୋଇଥିବା କାର୍ଯ୍ୟରତ ଜଣେ ରାଜ୍ୟ ସରକାରୀ କର୍ମଚାରୀ ଥିଲେ ଏବଂ ତାଙ୍କୁ କେନ୍ଦ୍ର ସରକାରଙ୍କ କର୍ମଚାରୀ ଭାବରେ ବିବେଚନା କରାଯାଇପାରିବ ନାହିଁ – ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ ଆଗତ କରାଯାଇଥିଲା –ଦର୍ଶାଯାଇଛି, ଖଣ୍ଡ (iii) ପଛରେ ଉଦ୍ଦେଶ୍ୟ ହେଉଛି ଯେ ପ୍ରକୃତ ହିମାଚଳୀ ବିଦ୍ୟାର୍ଥୀମାନଙ୍କୁ ଅନ୍ୟମାନଙ୍କ ତୁଳନାରେ ଅଗ୍ରାଧିକାର ଦିଆଯିବା ଉଚିତ – ଉଦ୍ଦେଶ୍ୟ ହେଉଛି ସେହି ବିଦ୍ୟାର୍ଥୀମାନଙ୍କୁ ସୁରକ୍ଷା ଦେବା ଯେଉଁମାନଙ୍କ ପିତାମାତା ଚାକିରିର ଆବଶ୍ୟକତା କାରଣରୁ ହିମାଚଳ ରାଜ୍ୟ ବାହାରକୁ ଯିବାକୁ ବାଧ ହୋଇଥିଲେ, ଯେଉଁ କାରଣରୁ ପିଲାମାନେ ମଧ୍ୟ ରାଜ୍ୟ ବାହାରକୁ ଚାଲିଯାଇଥିଲେ – ଆବେଦନକାରୀଙ୍କ ମାଆ ବାଧବାଧକତା କିମ୍ବା ସେବାର ଆବଶ୍ୟକତା ହେତୁ ନୁହେଁ, ନିଜ ଇଚ୍ଛାରେ କର୍ମାନ୍ତର ପ୍ରେରଣରେ ଯାଇଥିଲେ – ଯୋଗ୍ୟତା ଖଣ୍ଡ (iii)ରେ ବିଚାର କରାଯାଇଥିବା ପରି ସେ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ ବୋଲି କୁହାଯାଇପାରିବ ନାହିଁ – ଉଚ୍ଚ ନ୍ୟାୟାଳୟ ଅପିଲକାରୀଙ୍କ ରିଟ୍ ଆବେଦନ ଖାରଜ କରିବାରେ ଠିକ ଥିଲେ ।*

*ମୀନାକ୍ଷୀ ମଲିକ ବନାମ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟମାନେ*, **[1989] 3 SCC 112, ପ୍ରଖ୍ୟାତ ।**

*ଆନନ୍ଦ ମଦନ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ,* **[1995] 2 SCC 135, ଉପରେ ନିର୍ଭର କରିଥିଲେ ।**

ଦେୱାନୀ ଅପିଲ କ୍ଷେତ୍ରାଧିକାର; ଦେୱାନୀ ଅପିଲ ସଂଖ୍ୟା 6037/1998 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 305/1997 ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ତା.4.9.97ରିଖର ରାୟ ଏବଂ ଆଦେଶରୁ

ଅପିଲକାରୀଙ୍କ ତରଫରୁ ଜେ. ଡି. ଜୈନ, ଏମ୍. ଆର୍. ଭିଗ୍ ଏବଂ ବଲବୀର ସିଂ ଗୁପ୍ତା ।

ଉତ୍ତରଦାତା ସଂଖ୍ୟା 3ଙ୍କ ପାଇଁ ଏ. ଭି. ପାଲି, ଅତୁଲ ଶର୍ମା ଏବଂ ସୁଶ୍ରୀ ରେଖା ପାଲି ।

ଉତ୍ତରଦାତା ସଂଖ୍ୟା 4ଙ୍କ ପାଇଁ ହିମିନ୍ଦର ଲାଲ ।

ଉତ୍ତରଦାତା ସଂଖ୍ୟା 1ଙ୍କ ପାଇଁ ନରେଶ କେ. ଶର୍ମା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ମଞ୍ଜୁର କରାଗଲା

ପକ୍ଷମାନଙ୍କ ଅଧିବକ୍ତା ଶୁଣିଲୁ ।

ଏହି ଅପିଲରେ ବିଚାର ପାଇଁ ଉପୁଜୁଥିବା ସଂକ୍ଷିପ୍ତ ପ୍ରଶ୍ନ ହେଉଛି ଯେ, କେନ୍ଦ୍ର ସରକାରଙ୍କ ଏକ ବିଭାଗକୁ ସ୍ଥାନାନ୍ତରେ ପ୍ରେରଣ (ସ୍ୱାସ୍ଥ୍ୟ କାରଣରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ଅନୁରୋଧରେ) ହୋଇଥିବା ରାଜ୍ୟ ସରକାରୀ କର୍ମଚାରୀଙ୍କୁ "ଏମ୍.ବି.ବି.ଏସ୍./ବି.ଡି.ଏସ୍./ବି.ଏ.ଏମ୍.ଏସ୍. ପାଠ୍ୟକ୍ରମ ପାଇଁ ପ୍ରବେଶ ପାଇଁ ଏକ ମିଳିତ ବିବରଣ ପୁସ୍ତିକାରେ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଯୋଗ୍ୟତା ଖଣ୍ଡ ଅନୁସାରେ ଜଣେ ସେବାକାରୀ କେନ୍ଦ୍ର ସରକାରୀ କର୍ମଚାରୀ ଭାବରେ ବିବେଚନା କରାଯାଇପାରିବ କି ନାହିଁ ।

ବିବରଣ ପୁସ୍ତିକାର ପ୍ରାସଙ୍ଗିକ ଖଣ୍ଡଗୁଡ଼ିକ ନିମ୍ନରେ ଦିଆଗଲା :-

*"ହିମାଚଳ ପ୍ରଦେଶର ପ୍ରକୃତ ଅଧିବାସୀଙ୍କ ସଂଜ୍ଞା"*

ଜଣେ ପ୍ରକୃତ ହିମାଚଳୀ ହେଉଛନ୍ତି ଜଣେ ବ୍ୟକ୍ତି ଯାହାର ହିମାଚଳ ପ୍ରଦେଶରେ ସ୍ଥାୟୀ ଘର ଅଛି ଏବଂ ଏଥିରେ ଜଣେ ବ୍ୟକ୍ତି ଅନ୍ତର୍ଭୁକ୍ତ ଯିଏ ହିମାଚଳ ପ୍ରଦେଶରେ 15 ବର୍ଷରୁ ଅଧିକ ସମୟ ଧରି ରହୁଛନ୍ତି କିମ୍ବା ଜଣେ ବ୍ୟକ୍ତି ଯାହାର ହିମାଚଳ ପ୍ରଦେଶରେ ସ୍ଥାୟୀ ଘର ଅଛି କିନ୍ତୁ ତାଙ୍କ ବୃତ୍ତି ହେତୁ ସେ ହିମାଚଳ ପ୍ରଦେଶ ବାହାରେ ରହୁଛନ୍ତି ।

ଯୋଗ୍ୟତା-"

(i) ଯେଉଁ ପ୍ରାର୍ଥୀମାନଙ୍କୁ ଇନ୍ଦିରା ଗାନ୍ଧୀ ଭେଷଜ ମହାବିଦ୍ୟାଳୟ, ସିମଲା (ଏମ୍.ବି.ବି.ଏସ୍.), ଡକ୍ଟର ରାଜେନ୍ଦ୍ର ପ୍ରସାଦ ସରକାରୀ ଭେଷଜ ମହାବିଦ୍ୟାଳୟ, କାଙ୍ଗରା, ହିମାଚଳ ପ୍ରଦେଶ ସରକାରୀ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ସିମଲା (ବି.ଡି.ଏସ୍.) କିମ୍ବା ହିମାଚଳ ପ୍ରଦେଶରେ ଅବସ୍ଥିତ ବିଭିନ୍ନ ଘରୋଇ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଏବଂ ଭେଷଜ ମହାବିଦ୍ୟାଳୟରେ ଉପଲବ୍ଧ ନିଃଶୁଳ୍କ ସ୍ଥାନ ଏବଂ ରାଜୀବ ଗାନ୍ଧୀ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ, ପାପରୋଲା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ, ଆଇସିଏସ୍ଇ/ସିବିଏସ୍ଇ ଏବଂ ଏଚ୍ ପି ବିଦ୍ୟାଳୟ ଶିକ୍ଷା ପରିଷଦ କିମ୍ବା ଭାରତରେ ଆଇନ ଦ୍ୱାରା ପ୍ରତିଷ୍ଠିତ ସମତୁଲ୍ୟ ପରିଷଦ/ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରୁ ନିମ୍ନଲିଖିତ ପରୀକ୍ଷା ମଧ୍ୟରୁ ଅତି କମରେ ଦୁଇଟିରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(a) ମଧ୍ୟମ କିମ୍ବା ସମତୁଲ୍ୟ ।

(b) ମାଟ୍ରିକ କିମ୍ବା ସମତୁଲ୍ୟ ।

(c) 10+2 କିମ୍ବା ସମତୁଲ୍ୟ ।

(ii) ହିମାଚଳ ପ୍ରଦେଶରେ ଅବସ୍ଥିତ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇଥିବା ଏବଂ ଦେଶର ଅନ୍ୟ ନବୋଦୟ ବିଦ୍ୟାଳୟରୁ ବିନିମୟ କାର୍ଯ୍ୟକ୍ରମ ଅଧୀନରେ ମାଟ୍ରିକ୍ କିମ୍ବା + 2 ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ହିମାଚଳୀ ଛାତ୍ରଛାତ୍ରୀ ମଧ୍ୟ ଉପରୋକ୍ତ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ହେବେ ।

(iii) ପ୍ରତିରକ୍ଷା କର୍ମଚାରୀ/କେନ୍ଦ୍ର ସରକାରଙ୍କ କାର୍ଯ୍ୟରତ କର୍ମଚାରୀଙ୍କ ନାବାଳକ, ଯେଉଁମାନେ ପ୍ରକୃତ ହିମାଚଳୀ, ସେମାନଙ୍କୁ ମଧ୍ୟ ହିମାଚଳ ପ୍ରଦେଶ ରାଜ୍ୟରୁ ଦୁଇଟି ଶ୍ରେଣୀ ଉତ୍ତୀର୍ଣ୍ଣ କରିବାର ସର୍ତ୍ତରୁ ବାଦ୍ ଦିଆଯାଇଛି ।

ସଂକ୍ଷେପରେ କୁହାଯାଇଛି, ମାମଲାର ପ୍ରାସଙ୍ଗିକ ତଥ୍ୟ ନିମ୍ନରେ ଦିଆଯାଇଛି ।

ଅପିଲକାରୀ ଏଠାରେ 1997-98 ବର୍ଷ ପାଇଁ ପ୍ରଥମ ବର୍ଷ ଏମ୍.ବି.ବି.ଏସ୍. ପାଠ୍ୟକ୍ରମରେ ନାମଲେଖା ପାଇଁ ମିଳିତ ପ୍ରବେଶିକା ପରୀକ୍ଷା ପାଇଁ ତାଙ୍କର ଆବେଦନ ଦାଖଲ କରିଥିଲେ । ଏଠାରେ ତୃତୀୟ ଉତ୍ତରଦାତା, ଆବେଦନକାରୀଙ୍କ ଆବେଦନକୁ ଅନୁଧ୍ୟାନ କରିବା ପରେ ତାଙ୍କୁ ସୂଚନା ଦେଇଥିଲେ ଯେ, ସେ ଆବେଦନ ଦାଖଲ କରିବା ପାଇଁ ଯୋଗ୍ୟ ନୁହଁନ୍ତି କାରଣ ସେ ହିମାଚଳ ପ୍ରଦେଶରେ ଅବସ୍ଥିତ ବିଦ୍ୟାଳୟରୁ ଯୋଗ୍ୟତା ଖଣ୍ଡରେ ଉଲ୍ଲିଖିତ ତିନୋଟି ପରୀକ୍ଷା ମଧ୍ୟରୁ ଦୁଇଟିରେ ଉତ୍ତୀର୍ଣ୍ଣ କରିନାହାନ୍ତି । ବାସ୍ତବରେ, ଅପିଲକାରୀଙ୍କ ମାଆ, ଜଣେ ହିମାଚଳ ପ୍ରଦେଶ ରାଜ୍ୟ ସରକାରୀ କର୍ମଚାରୀ, ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳକୁ କର୍ମାନ୍ତର ପ୍ରେରଣରେ ପଠାଇବାକୁ ଅନୁରୋଧ କରିଥିଲେ । ସେହି ଅନୁଯାୟୀ, ତାଙ୍କୁ 21.12.1988ରୁ ଚଣ୍ଡିଗଡ଼ ଶିକ୍ଷା ବିଭାଗକୁ କର୍ମାନ୍ତର ପ୍ରେରଣରେ ପଠାଯାଇଥିଲା । ତାଙ୍କ ମାଆଙ୍କ ସହିତ, ଅପିଲକାରୀ ମଧ୍ୟ ଚଣ୍ଡିଗଡ଼ ଯାଇଥିଲେ ଏବଂ 1988 ମସିହାରୁ ସେଠାରେ ଅଧ୍ୟୟନ କରିଥିଲେ । ତେଣୁ, ସେ ଉପରୋକ୍ତ ଯୋଗ୍ୟତା ଆବଶ୍ୟକତାକୁ ପୂରଣ କରିପାରିଲେ ନାହିଁ । ଯଦିଓ ଅପିଲକାରୀ ପ୍ରଥମେ ଏହି ବର୍ଗ ଅଧୀନରେ ବ୍ୟତିକ୍ରମ ଦାବି କରିଥିଲେ ଯେ, ସେ ଜଣେ ପ୍ରତିରକ୍ଷା କର୍ମଚାରୀଙ୍କ ପୁଅ, କିନ୍ତୁ ତାଙ୍କ ପିତା ଜଣେ ପ୍ରକୃତ ହିମାଚଳୀ ନ ଥିବାରୁ ଏହାକୁ ଅନୁସରଣ କରାଯାଇ ନଥିଲା । ଅପିଲକାରୀଙ୍କ ବିକଳ୍ପ ଦାବି ଥିଲା ଯେ ତାଙ୍କ ମା ଜଣେ ହିମାଚଳ ପ୍ରଦେଶ ରାଜ୍ୟ ସରକାରୀ କର୍ମଚାରୀ ଏବଂ ତାଙ୍କୁ ଚଣ୍ଡିଗଡ଼ ଶିକ୍ଷା ବିଭାଗରେ କାର୍ଯ୍ୟ କରିବା ପାଇଁ କର୍ମାନ୍ତର ପ୍ରେରଣରେ ପଠାଯାଇଛି, ତାଙ୍କୁ "କେନ୍ଦ୍ର ସରକାରଙ୍କ କାର୍ଯ୍ୟରତ କର୍ମଚାରୀ" ଭାବରେ ବିବେଚନା କରାଯିବା ଉଚିତ । ସେହି କ୍ଷେତ୍ରରେ ଯୋଗ୍ୟତା ଖଣ୍ଡର ଖଣ୍ଡ (iii) ଅନୁଯାୟୀ ବିଚାର କରାଯାଇଥିବା ଛାଡ଼ ତାଙ୍କ ସହାୟତା ପାଇଁ ଆସିବ । ଉତ୍ତରଦାତାମାନେ ଏହାକୁ ଗ୍ରହଣ କରିନଥିଲେ । ଯଦିଓ, ମେଧା ଅନୁସାରେ ସେ ନାମଲେଖା ପାଇଁ ହକଦାର ଥିଲେ, କିନ୍ତୁ ନାମଲେଖା ପାଇଁ ଯୋଗ୍ୟତା ଅଭାବରୁ ତାଙ୍କୁ ପ୍ରବେଶରୁ ବଞ୍ଚିତ କରାଯାଇଥିଲା । ପ୍ରଥମ ବର୍ଷ ଏମ୍.ବି.ବି.ଏସ୍. ପାଠ୍ୟକ୍ରମରେ ନାମଲେଖା ପ୍ରତ୍ୟାଖ୍ୟାନ ଯୋଗୁଁ ବ୍ୟଥିତ ହୋଇ, ପ୍ରଥମ ବର୍ଷ ଏମ.ବି.ବି.ଏସ. ପାଠ୍ୟକ୍ରମ ପଢିବା ପାଇଁ ସକ୍ଷମ କରିବା ପାଇଁ ଉପଯୁକ୍ତ ରିଟ ମାଧ୍ୟମରେ ଅପିଲକାରୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ଅପିଲକାରୀଙ୍କ ମାଆ ଯୋଗ୍ୟତା ଖଣ୍ଡର ଖଣ୍ଡ (iii) ରେ ବିଚାର ଅନୁଯାୟୀ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବର୍ଗରେ ଆସୁଛନ୍ତି ବୋଲି ଅପିଲକାରୀଙ୍କ ତରଫରୁ ଆଗତ ହୋଇଥିବା ଯୁକ୍ତିକୁ ଉଚ୍ଚ ନ୍ୟାୟାଳୟଙ୍କର ଏକ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଛନ୍ତି । ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ 'ସେ କେବଳ କେନ୍ଦ୍ର ସରକାରଙ୍କ ସହିତ କର୍ମାନ୍ତର ପ୍ରେରଣରେ କାର୍ଯ୍ୟ କରୁଥିବା ଜଣେ ରାଜ୍ୟ ସରକାରୀ କର୍ମଚାରୀ ଏବଂ ତାଙ୍କୁ କେନ୍ଦ୍ର ସରକାରଙ୍କ କର୍ମଚାରୀ ଭାବରେ ବିବେଚନା କରାଯାଇପାରିବ ନାହିଁ ।' ତଦନୁସାରେ, ଉଚ୍ଚ ନ୍ୟାୟାଳୟ ରିଟ ଆବେଦନ ଖାରଜ କରିଦେଇଥିଲେ ।

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ବ୍ୟଥିତ ହୋଇ ସ୍ୱତନ୍ତ୍ର ଅନୁମତି ଦ୍ୱାରା ବର୍ତ୍ତମାନର ଅପିଲ ଦାଖଲ କରାଯାଇଛି ।

*ମୀନାକ୍ଷୀ ମଲିକ ବନାମ ଦିଲ୍ଲୀ ବିଶ୍ୱବିଦ୍ୟାଳୟ,* [1989] 3 SCC 112 ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ଉପରେ ଦୃଢ଼ ନିର୍ଭର କରି ଅପିଲକାରୀଙ୍କ ପକ୍ଷରୁ ଉପସ୍ଥିତ ବିଜ୍ଞ ବରିଷ୍ଠ ଅଧିବକ୍ତା ଦାଖଲ କରିଥିଲେ ଯେ, ଉକ୍ତ ରାୟରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଧାର୍ଯ୍ୟ ଅନୁପାତକୁ ଦୃଷ୍ଟିରେ ରଖି, ଅପିଲକାରୀଙ୍କ ମାଆଙ୍କୁ ଯୋଗ୍ୟତା ଖଣ୍ଡର ଖଣ୍ଡ(iii) ର ଆବଶ୍ୟକତା ପୂରଣ କରୁଥିବା ଜଣେ କାର୍ଯ୍ୟରତ କେନ୍ଦ୍ର ସରକାରୀ କର୍ମଚାରୀ ଭାବରେ ବିବେଚନା କରାଯିବା ଉଚିତ ।

ଅନ୍ୟପକ୍ଷରେ, ହିମାଚଳ ପ୍ରଦେଶ ରାଜ୍ୟ, ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ଏବଂ ଘରୋଇ 4ର୍ଥ ଉତ୍ତରଦାତାଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଯୁକ୍ତି ବାଢ଼ିଥିଲେ ଯେ, ବିବରଣୀ ପୁସ୍ତିକାର ପରିକଳ୍ପନା ଏବଂ ଯୋଗ୍ୟତା ଖଣ୍ଡର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି, ଅପିଲକାରୀଙ୍କ ଦାବି ଯେ ସେ ଜଣେ କାର୍ଯ୍ୟରତ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପୁଅ, ଯିଏ ଜଣେ ପ୍ରକୃତ ହିମାଚଳୀ, ତାହା ଗ୍ରହଣ କରାଯାଇପାରିବ ନାହିଁ । ବିଜ୍ଞ ଅଧିବକ୍ତା ଏହା ମଧ ଦାଖଲ କରିଥିଲେ ଯେ *ମୀନାକ୍ଷୀ ମଲିକ* ମାମଲା (ପୂର୍ବୋକ୍ତ) ର ରାୟ ସେହି ମାମଲାର ତଥ୍ୟ ମଧ ରେ ସୀମିତ ରହିବା ଉଚିତ ଏବଂ ମାମଲାର ତଥ୍ୟ ନିର୍ବିଶେଷରେ ସେଥିରେ ଧାର୍ଯ୍ୟ ହୋଇଥିବା ନୀତିକୁ ସମସ୍ତ ମାମଲାରେ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ନାହିଁ ।

ଆମେ ପ୍ରତିସ୍ୱର୍ଦ୍ଧୀ ଉପସ୍ଥାପନ ଉପରେ ବିଚାର କରିଛୁ । ପ୍ରାରମ୍ଭରେ ଆମେ ବିବରଣ ପୁସ୍ତିକାରେ ପ୍ରାସଙ୍ଗିକ ଖଣ୍ଡଗୁଡ଼ିକ ଦର୍ଶାଇଛୁ । ଯୋଗ୍ୟତା ସମ୍ବନ୍ଧୀୟ ଖଣ୍ଡ ପଛରେ ଉଦ୍ଦେଶ୍ୟ ଥିବା ପରି ମନେହୁଏ ଯେ, ପ୍ରକୃତ ହିମାଚଳୀ ଛାତ୍ରମାନଙ୍କୁ ଅନ୍ୟମାନଙ୍କ ଉପରେ ପ୍ରାଥମିକତା ଦିଆଯିବା । ଉପରୋକ୍ତ ଲକ୍ଷ୍ୟ ହାସଲ କରିବାରେ ସେହି ଛାତ୍ରମାନଙ୍କ ସୁରକ୍ଷା ପାଇଁ ଯତ୍ନ ନିଆଯାଉଛି ଯେଉଁମାନଙ୍କ ପିତାମାତା ସେବାର ଆବଶ୍ୟକତା କାରଣରୁ ହିମାଚଳ ରାଜ୍ୟରୁ ବାହାରକୁ ଯିବାକୁ ବାଧ ହୋଇଥିଲେ, ଯେଉଁ କାରଣରୁ ପିଲାମାନେ ମଧ ରାଜ୍ୟ ବାହାରକୁ ଚାଲିଯାଇଥିଲେ । ଏହି ମାମଲାରେ, ଏହା ଏକ ସ୍ୱୀକୃତ ସତ୍ୟ ଯେ ଅପିଲକାରୀଙ୍କ ମାଆ ଯଦିଓ ଜଣେ ରାଜ୍ୟ ସରକାରୀ କର୍ମଚାରୀ, ସ୍ୱାସ୍ଥ୍ୟଗତ କାରଣରୁ ନିଜ ଅନୁରୋଧ କ୍ରମେ କେନ୍ଦ୍ର ସରକାରଙ୍କ କର୍ମଚାରୀ ଭାବେ କାର୍ଯ୍ୟ କରିବା ପାଇଁ କର୍ମାନ୍ତର ପ୍ରେରଣ ନେଇଥିଲେ । ତାଙ୍କୁ ପ୍ରାୟ 10 ବର୍ଷ ପାଇଁ କର୍ମାନ୍ତର ପ୍ରେରଣ ଜାରି ରଖିବାକୁ ଅନୁମତି ଦିଆଯାଇଛି ଏବଂ ତଥାପି ରାଜ୍ୟ ସରକାରଙ୍କ ମୂଳ ପଦବୀ ଉପରେ ରହୁଥିବା ଅଧିକାର ବଜାୟ ରଖିଛନ୍ତି, ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯୋଗ୍ୟତା ଖଣ୍ଡର ଖଣ୍ଡ (iii)ରେ ବିଚାର କରାଗଲା ପରି ସେ ଜଣେ କେନ୍ଦ୍ର ସରକାରୀ କର୍ମଚାରୀ ବୋଲି ଏହା କୁହାଯାଇପାରିବ କି ନାହିଁ । ଆମର ମତ ହେଉଛି ଯେ ଏପରି ବ୍ୟାଖ୍ୟା ବିବରଣ ପୁସ୍ତିକାରେ ପ୍ରଦାନ କରାଯାଇଥିବା ଯୋଗ୍ୟତା ଖଣ୍ଡର ଭାବନା ବିରୁଦ୍ଧରେ ଯିବ ।

*ମୀନାକ୍ଷୀ ମଲିକ ମାମଲା* (ପୂର୍ବୋକ୍ତ) ଉପରେ ନିର୍ଭରଶୀଳତା ଅପିଲକାରୀଙ୍କୁ ସାହାଯ୍ୟ କରିବ ନାହିଁ, କାରଣ ଏହି ନ୍ୟାୟାଳୟ, *ଅନନ୍ତ ମଦନ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ,* [1995] 2 SCC 135 ରେ *ମୀନାକ୍ଷୀ ମଲିକ* ମାମଲାକୁ ପୃଥକ କରି ନିମ୍ନମତେ ମନ୍ତବ୍ୟ ଦେଇଛନ୍ତି :-

"11. ଅପିଲକାରୀମାନେ *ମୀନାକ୍ଷୀ ମଲିକ ବନାମ ଦିଲ୍ଲୀ ବିଶ୍ୱବିଦ୍ୟାଳୟ* ମାମଲାରେ ଏହି ନ୍ୟାୟାଳୟଙ୍କର ଏକ ନିଷ୍ପତ୍ତି ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଥିଲେ ଯେଉଁଠାରେ ପ୍ରାର୍ଥୀଙ୍କ ପିତା ସରକାରୀ ଚାକିରିରେ

ଥିଲେ । ତାଙ୍କୁ ଭାରତ ବାହାରେ ସରକାରଙ୍କ ଦ୍ୱାରା ନିଯୁକ୍ତ କରାଯାଇଥିଲା । ଯେହେତୁ ପିତାମାତା ଭାରତ ବାହାରକୁ ଯିବାକୁ ବାଧ ହୋଇଥିଲେ, ତେଣୁ ପିଲାମାନେ ମଧ୍ୟ ସେମାନଙ୍କ ପିତାମାତାଙ୍କ ସହ ଯିବାକୁ ବାଧ ହୋଇଥିଲେ । ଏହି ନ୍ୟାୟାଳୟ ଏହାକୁ ଏକ ଜଟିଳ ମାମଲା ବୋଲି ବିବେଚନା କରିଥିଲେ । ଏଥିରେ କୁହାଯାଇଛି ଯେ, ପ୍ରାର୍ଥୀ ଦିଲ୍ଲୀର ଏକ ବିଦ୍ୟାଳୟରେ ଶେଷ ଦୁଇ ବର୍ଷର ଶିକ୍ଷା ଗ୍ରହଣ କରିଥିବା ଯୋଗ୍ୟତା ସର୍ତ୍ତକୁ ସେହି କ୍ଷେତ୍ରରେ କୋହଳ କରାଯିବା ଉଚିତ କାରଣ ପ୍ରାର୍ଥୀ ତାଙ୍କ ପିତାମାତାଙ୍କ କାରଣରୁ ଭାରତ ଛାଡିବାକୁ ବାଧ ହୋଇଥିଲେ । ନ୍ୟାୟାଳୟ କହିଛନ୍ତି ଯେ ଏଭଳି ଛାତ୍ରଙ୍କ ପାଇଁ ଏହି ମାମଲାରେ କୌଣସି ପ୍ରକୃତ ବିକଳ୍ପ ନାହିଁ ଏବଂ ସେଥିପାଇଁ ଦିଲ୍ଲୀରେ ଶେଷ ଦୁଇ ବର୍ଷର ଶିକ୍ଷା ଗ୍ରହଣ କରାଯିବା ଆବଶ୍ୟକ ବୋଲି ସର୍ତ୍ତର କଠୋରତାକୁ ସେହି ମାମଲାରେ କୋହଳ କରାଯିବା ଉଚିତ ।

12. ଆମ ସମ୍ମୁଖରେ ଥିବା କୌଣସି ଅପିଲକାରୀ ଉପରୋକ୍ତ ମାମଲାରେ ଅପିଲକାରୀଙ୍କ ଭଳି ସ୍ଥିତିରେ ନାହାଁନ୍ତି । ବାସ୍ତବରେ, ଅନନ୍ତ ମଦନ, ଭରତ ବି. ଦୁଆ ଏବଂ ଶାଲିନୀ ଜୈନଙ୍କ ପିତାମାତା ହରିୟାଣାରେ ଅଛନ୍ତି । ନନ୍ଦିତା କାଲରାଙ୍କ ମାମଲାରେ ପିତାମାତା ସ୍ୱେଚ୍ଛାରେ ହରିୟାଣା ରାଜ୍ୟ ବାହାରେ ଚାକିରି କରିଛନ୍ତି । ସେମାନେ ମୀନାକ୍ଷୀ ମଲିକଙ୍କ ପିତାମାତାଙ୍କ ଭଳି ସ୍ଥିତିରେ ନାହାନ୍ତି । ତେଣୁ, ମୀନାକ୍ଷୀ ମଲିକଙ୍କ ମାମଲାରେ ଏହି ନ୍ୟାୟାଳୟ ଯେଉଁ ରିହାତି ଦେଇଛନ୍ତି, ତାହା ଆମ ସମ୍ମୁଖରେ ଥିବା କୌଣସି ଅପିଲକାରୀଙ୍କୁ ଦିଆଯାଇପାରିବ ନାହିଁ । (ଗୁରୁତ୍ୱ ପ୍ରଦାନ କରାଯାଇଛି)

ଆମେ ପୂର୍ବରୁ ଲକ୍ଷ୍ୟ କରିଛୁ ଯେ ଅପିଲକାରୀଙ୍କ ମାଆ ନିଜ ଇଚ୍ଛାରେ କର୍ମାନ୍ତର ପ୍ରେରଣରେ ଯାଇଥିଲେ, ବାଧତାମୂଳକ କିମ୍ବା ଚାକିରିର ଆବଶ୍ୟକତା କାରଣରୁ ନୁହେଁ ।

ତେଣୁ, ମୀନାକ୍ଷୀ ମଲିକ ମାମଲା (ପୂର୍ବୋକ୍ତ) ଉପରେ ଅପିଲକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଦ୍ୱାରା ଦିଆଯାଇଥିବା ନିର୍ଭରଶୀଳତା କୌଣସି ଲାଭଦାୟକ ନୁହେଁ । ଅପିଲକାରୀଙ୍କ ତରଫରୁ ଆଗତ ହୋଇଥିବା ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ଉଚ୍ଚ ନ୍ୟାୟାଳୟ ମଧ୍ୟ ସମାନ ମତ ରଖିଥିଲେ ।

ଏହି ପରିସ୍ଥିତିରେ, ଆମେ ଏହି ଅପିଲରେ କୌଣସି ଯୋଗ୍ୟତା ପାଉନାହୁଁ ଏବଂ ଅପିଲକାରୀଙ୍କ ରିଟ୍ ଆବେଦନ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ଠିକ ଥିଲେ । ଅପିଲଟି ବିଫଳ ହୋଇଛି ଏବଂ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଅପିଲଟି ଖାରଜ କରାଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦକ : - ଭବାନୀ ଶଙ୍କର ନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**